# ଡକ୍ଟର ରତି ରଞ୍ଜନ ନାୟକ



ସମ୍ପ୍ରତି ଆଇଏମ୍‌ଏମ୍‌ଟି, ଭୁବନେଶ୍ୱରରେ 'ଫେଲୋ ସାଇଣ୍ଟିଷ୍ଟ' ଭାବେ ଡକ୍ଟର ରତି ରଞ୍ଜନ ନାୟକ କର୍ମରତ ଥାଇ ସ୍ୱଳ୍ପ ସମୟ ମଧ୍ୟରେ ଭୌତିକ ବିଜ୍ଞାନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ୧୯୭୬ ମସିହା ଜାନୁୟାରୀ ୭ ତାରିଖରେ କଟକ ସହରରେ ତାଙ୍କର ଜନ୍ମ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୯୮ରେ ଏମ୍.ଏସ୍‌ସି. ଓ ୨୦୦୨ରେ ପିଏଚ୍.ଡି. ଉପାଧି ହାସଲ କରିଛନ୍ତି ସେ । ପୋଷ୍ଟଡକ୍ଟରାଲ ସ୍ତରୀୟ ଗବେଷଣା ପାଇଁ ସେ ଆଇଆଇଟି, ଖଡ଼ଗପୁରରେ ଅଢ଼େଇ ବର୍ଷ, ଦକ୍ଷିଣ କୋରିଆର 'କ୍ୟୁଙ୍ଗ୍ ହି ବିଶ୍ୱବିଦ୍ୟାଳୟ'ରେ ଦେଢ଼ ବର୍ଷ ଓ ଦକ୍ଷିଣ କୋରିଆର 'ପୁସାନ୍ ନ୍ୟାଶନାଲ୍ ୟୁନିଭରସିଟି'ରେ ବର୍ଷେ ସମୟ ଅତିବାହିତ କରିବା ପରେ ଭୁବନେଶ୍ୱରସ୍ଥିତ ଆଇଏମ୍‌ଏମ୍‌ଟିରେ ମେ' ୨୦୦୯ ରୁ ସେ କାର୍ଯ୍ୟ କରି ଆସୁଛନ୍ତି ।

ଡକ୍ଟର ନାୟକଙ୍କ ଗବେଷଣାର ମୁଖ୍ୟ ବିଷୟଗୁଡ଼ିକ ହେଉଛି 'ବାୟୋମେଟେରିଆଲସ୍', 'ବାୟୋସିନ୍ଥେସିସ୍ ଅଫ୍ ମେଟାଲ ନାନୋପାର୍ଟିକଲସ୍', 'ବାୟୋଫୁଏଲ୍ ପ୍ରଡକ୍‌ଶନ ୟୁଜିଙ୍ଗ୍ ମାଇକ୍ରୋଆଲ୍‌ଜି', 'ପଲିମର୍ ନାନୋକମ୍ପୋଜିଟ୍' ପ୍ରଭୃତି । ଇତି ମଧ୍ୟରେ ତାଙ୍କର ୧୮ଟି ଗବେଷଣାପ୍ରସୂତ ନିବନ୍ଧ ଆନ୍ତର୍ଜାତିକ ସ୍ତରୀୟ ବିଜ୍ଞାନ ପତ୍ରିକାମାନଙ୍କରେ ପ୍ରକାଶିତ ଓ ପ୍ରଶଂସିତ ହୋଇଛି ଏବଂ ବିଭିନ୍ନ ସମ୍ମିଳନୀରେ ୨୪ଟି ନିବନ୍ଧ ଉପସ୍ଥାପିତ ହୋଇଛି । ଏତଦ୍‌ବ୍ୟତୀତ ଦକ୍ଷିଣ କୋରିଆରେ ତାଙ୍କର ଦୁଇଟି ଓ ଭାରତରେ ଗୋଟିଏ ପେଟେଣ୍ଟ ଅନୁମୋଦନ ଅପେକ୍ଷାରେ ରହିଛି । ନୂତନ ଧରଣର ବାୟୋସେନ୍‌ସରର ପ୍ରସ୍ତୁତି ପଦ୍ଧତି ଏଥିରେ ଅନ୍ତର୍ଭୁକ୍ତ ।

ଡକ୍ଟର ନାୟକଙ୍କୁ ପ୍ରଦତ୍ତ ହୋଇଥିବା ସମ୍ମାନ ମଧ୍ୟରେ ରହିଛି ସିଏସ୍‌ଆଇଆରର ରିସର୍ଚ୍ଚ ଆସୋସିଏଟ୍‌ଶିପ୍, ଦକ୍ଷିଣ କୋରିଆର 'ବିକେ୨୧' ପୋଷ୍ଟଡକ୍ଟରାଲ୍ ଫେଲୋସିପ୍, କିଓଟୋ ବିଶ୍ୱବିଦ୍ୟାଳୟ, ଜାପାନର 'ଜି-ସିଓଇ' ପୋଷ୍ଟଡକ୍ଟରାଲ ଫେଲୋଶିପ୍, ସିଏସ୍‌ଆଇଆର୍‌ର 'କ୍ୱିକ୍ ହାୟାର୍ ଫେଲୋଶିପ୍' ପ୍ରଭୃତି । ୨୦୦୯ରେ ଚେନ୍ନାଇରେ ଅନୁଷ୍ଠିତ ହୋଇଥିବା ଏକ ଆନ୍ତର୍ଜାତିକ ସମ୍ମିଳନୀରେ ଡକ୍ଟର ନାୟକଙ୍କ ନିବନ୍ଧଟି ସର୍ବୋତ୍କୃଷ୍ଟ ଭାବେ ପୁରସ୍କୃତ ହେବା ଗୌରବର କଥା ।

ନାତିଦୀର୍ଘ ଗବେଷଣା ଅବଧିରେ ଅର୍ଜନ କରିଥିବା ଡକ୍ଟର ନାୟକଙ୍କ କୃତିତ୍ୱକୁ ସମ୍ମାନ ଜଣାଇ ଓଡ଼ିଶା ବିଜ୍ଞାନ ଏକାଡେମୀ ୨୦୧୦ ମସିହା ପାଇଁ ତାଙ୍କୁ ଭୌତିକ ବିଜ୍ଞାନ ବିଭାଗରେ **"ଓଡ଼ିଶା ଯୁବ ବୈଜ୍ଞାନିକ ପୁରସ୍କାର"** ପ୍ରଦାନ କରୁଛି ଏବଂ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

***